# NATIONAL NEWS BULLETIN (ODIA)

## 24iú November - 2024

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ସ୍ୱପ୍ନ ପୂରଣ ନିମନ୍ତେ ଓଡ଼ିଶାର ସାମୁଦ୍ରିକ ଶକ୍ତିର ଭୂମିକା ମହତ୍ତ୍ୱପୂର୍ଣ୍ଣ; କହିଲେ ପ୍ରଧାନମନ୍ତ୍ରୀ ।

- ଆସନ୍ତାକାଲିଠାରୁ ଆରମ୍ଭ ହେବ ସଂସଦର ଶୀତକାଳୀନ ଅଧିବେଶନ ।

- ଝାଡ଼ଖଣ୍ଡରେ ଆସନ୍ତା ୨୮ ତାରିଖରେ ନବନିର୍ବାଚିତ ସରକାରଙ୍କ ଶପଥ ଗ୍ରହଣ ।

- ତିନିଦିନିଆ ଇଟାଲୀ ଗସ୍ତରେ ଯାଇ ରୋମ୍‌ରେ ପହଞ୍ଚିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ପର୍ଥ ଟେଷ୍ଟର ଦ୍ୱିତୀୟ ଇନିଙ୍ଗ୍‌ସରେ ୫୩୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ସଂଗ୍ରହ କରିଛି ୧୨ ରନ୍ ।

# ପି.ଏମ୍. - ଓଡ଼ିଶା ପର୍ବ

ଅତୀତରୁ ଆଜି ପର୍ଯ୍ୟନ୍ତ ଓଡ଼ିଶା' ଦେଶକୁ ବଳିଷ୍ଠ ନେତୃତ୍ୱ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଓଡ଼ିଶା ପର୍ବ'ର ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇ କହିଛନ୍ତି । ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା 'ଓଡ଼ିଶା ପର୍ବ-୨୦୨୪'ରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ବିକଶିତ ଭାରତ ସ୍ୱପ୍ନ ପୂରଣ ନିମନ୍ତେ ଓଡ଼ିଶାର ସାମୁଦ୍ରିକ ଶକ୍ତିର ଭୂମିକା ମହତ୍ତ୍ୱପୂର୍ଣ୍ଣ । କଟକ ବାଲିଯାତ୍ରା ଓଡ଼ିଶା ତଥା ଭାରତରେ ସାମୁଦ୍ରିକ ସାମର୍ଥ୍ୟର ପ୍ରତୀକ । ଶ୍ରୀ ମୋଦି କହିଛନ୍ତି, ଅନ୍ୟର ସେବା କରିବା ଓଡ଼ିଶାର ସଂସ୍କୃତି । ଓଡ଼ିଶା ହେଉଛି ସନ୍ଥ ଏବଂ ବିଦ୍ୱାନ୍‌ଙ୍କ ଭୂମି । ୨୦୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ଏହାର ନେତୃତ୍ୱ ନେବାକୁ ସେ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି ।

***Voice*** :..........

ସୂଚନା ଅନୁସାରେ, ଓଡ଼ିଶା ପର୍ବକୁ ଗତ ୨୨ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିଲେ ।

# ମନ୍ କୀ ବାତ୍

ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜୟନ୍ତୀ ଆସନ୍ତା ଜାନୁୟାରୀ ୧୨ ତାରିଖ ଦିନ ପାଳନ ଅବସରରେ ନୂଆଦିଲ୍ଲୀରେ "ବିକଶିତ ଭାରତ ଯୁବନେତା ବାର୍ତ୍ତାଳାପ" ଶୀର୍ଷକ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଆକାଶବାଣୀର ମନ କି ବାତ୍ କାର୍ଯ୍ୟକ୍ରମର ୧୧୬ତମ ସଂସ୍କରଣରେ ଦେଶବାସୀଙ୍କୁ ଆଜି ସମ୍ବୋଧନ କରି ଶ୍ରୀ ମୋଦୀ ଏହା କହିଛନ୍ତି । ରାଜନୀତିକ ପୃଷ୍ଠଭୂମି ନ ଥିବା ପରିବାରର ଯୁବକଙ୍କୁ ରାଜନୀତିରେ ଯୋଗଦେବାକୁ ସେ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଏଭଳି ୧ଲକ୍ଷ ଯୁବକଙ୍କୁ ରାଜନୀତି ସହ ଯୋଡ଼ିବା ପାଇଁ ଆଗାମୀ କିଛିମାସ ମଧ୍ୟରେ ଦେଶରେ ସ୍ୱତନ୍ତ୍ର ଅଭିଯାନର ଆୟୋଜନ କରାଯିବ ।

ଅନ୍‌ଲାଇନ୍ ଠକେଇରୁ ସତର୍କ ରହିବା ପାଇଁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି । ଡିଜିଟାଲ ଲାଇଫ୍ ସାର୍ଟିଫିକେଟ ସଂପର୍କରେ ଉଲ୍ଲେଖ କରି ସେ କହିଛନ୍ତି, ଏହା ଅଧିକ ସରଳ ହୋଇପାରିଛି । ଏପର୍ଯ୍ୟନ୍ତ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ହାସଲ କରିଥିବା ଲୋକଙ୍କ ସଂଖ୍ୟା ୮୦ ଲକ୍ଷ ଅତିକ୍ରମ କରିଛି । ବୟସ୍କ ଲୋକଙ୍କୁ ଅନଲାଇନ ଠକେଇରୁ ଦୂରେଇ ରଖିବା ଲାଗି ଯୁବବର୍ଗ ଆଗେଇ ଆସିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ - ଏନ୍‌ସିସି ଦିବସ ଆଜି ପାଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏଥିରେ ବାଳିକା କ୍ୟାଡେଟ୍‌ଙ୍କ ସଂଖ୍ୟା

୪୦ ପ୍ରତିଶତକୁ ବୃଦ୍ଧି ପାଇଛି । ଏନ୍‌ସିସିକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି ।

ନିକଟରେ ୩ ଆଫ୍ରିକୀୟ ରାଷ୍ଟ୍ର ଗସ୍ତ ସଂପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଦେଶରେ ଭାରତୀୟ ସଂସ୍କୃତିର ସୁରକ୍ଷା ଏବଂ ଏହାର ପ୍ରଚାର ପ୍ରସାର ଦିଗରେ ପ୍ରବାସୀ ଭାରତୀୟ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଉପନିଷଦକୁ ପ୍ରଥମଥର ପାଇଁ ସ୍ଲୋଭାକ୍ ଭାଷାରେ ଅନୁବାଦ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତୀୟ ସଂସ୍କୃତିର ବିଶ୍ୱସ୍ତରୀୟ ପ୍ରଭାବକୁ ଏହା ସୂଚାଉଛି ।

ଚିଙ୍ଗୁଡ଼ି' ଜୈବ ବିବିଧତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସହରୀକରଣ ବୃଦ୍ଧି ଯୋଗୁଁ ଚିଙ୍ଗୁଡ଼ି ପରିମାଣ ହ୍ରାସ ପାଉଥିବା ନେଇ ପ୍ରଧାନମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପ୍ରାଣୀ ସମ୍ପଦର ସୁରକ୍ଷା ନେଇ ଦେଶର ବିଭିନ୍ନ ପ୍ରାନ୍ତରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି ।

'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଅଧୀନରେ ମାତ୍ର ୫ ମାସ ମଧ୍ୟରେ ଶହେ କୋଟି ଚାରା ରୋପଣ ଉଲ୍ଲେଖନୀୟ କାର୍ଯ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିରେ ଅଂଶ ଗ୍ରହଣ କରିଥିବାରୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

# ଅଲ୍ ପାର୍ଟି ମିଟିଂ

ସଂସଦର ଶୀତକାଳୀନ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଆସନ୍ତା ୨୬ ତାରିଖ ସମ୍ବିଧାନ ଦିବସ ପାଳନ ଅବସରରେ ସଂସଦର ଅଧିବେଶନ ବସିବ ନାହିଁ । ଅଧିବେଶନର ଅବ୍ୟବହିତ ପୂର୍ବରୁ ଆଜି ନୂଆଦିଲ୍ଲୀରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉଭୟ ସଦନକୁ ସୁରୁଖୁରୁରେ ପରିଚାଳନା ନେଇ ସବୁ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସହ ଆଲୋଚନା ହୋଇଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସଂସଦରେ ଯେକୌଣସି ପ୍ରସଙ୍ଗରେ ଆଲୋଚନାପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ଶୃଙ୍ଖଳାର ସହ ଉଭୟ ସଦନର କାର୍ଯ୍ୟକୁ ଆଗେଇ ନେବାପାଇଁ ଶ୍ରୀ ରିଜିଜୁ ବିରୋଧୀ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ କହିଛନ୍ତି, ମଣିପୁର ସ୍ଥିତି, ଲାଞ୍ଚ ମାମଲା, ବେକାର ସମସ୍ୟା ଏବଂ ଉତ୍ତର ଭାରତରେ ଜନସଂଖ୍ୟା ଆଦି ପ୍ରସଙ୍ଗ ବିରୋଧୀ ଦଳ ପକ୍ଷରୁ ସଂସଦରେ ଉପସ୍ଥାପନ କରାଯିବ ବୋଲି କହିଛନ୍ତି ।

ସର୍ବଦଳୀୟ ବୈଠକରେ ମନ୍ତ୍ରୀ ଅନୁପ୍ରିୟା ପଟେଲ, ଏଲ୍. ମୁରୁଗାନ୍, ବିଜେଡ଼ି ସାଂସଦ ସସ୍ମିତ ପାତ୍ର, ଏମ୍‌ଡିଏମ୍‌କେ ସାଂସଦ ଭାଇକୋ, କଂଗ୍ରେସର ପ୍ରମୋଦ ତିୱାରୀ, ଜୟରାମ ରମେଶ, ସମାଜବାଦୀ ପାର୍ଟି ସାଂସଦ

ରାମଗୋପାଳ ଯାଦବଙ୍କ ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ ।

## ଝାଡ଼ଖଣ୍ଡ - ଗଭ୍ ଫର୍ମେସନ୍

ଝାଡ଼ଖଣ୍ଡରେ ନବନିର୍ବାଚିତ ସରକାର ଆସନ୍ତା ୨୮ ତାରିଖ ଦିନ ଶପଥ ଗ୍ରହଣ କରିବ । ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର କାର୍ଯ୍ୟକାରୀ ସଭାପତି ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଆଜି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ରାଞ୍ଚିଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ସୋରେନ୍‌ଙ୍କ ସରକାରୀ ବାସଭବନରେ ଇଣ୍ଡି ମେଣ୍ଟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମେଣ୍ଟର ସହଯୋଗୀ ଦଳଗୁଡ଼ିକର ନବନିର୍ବାଚିତ ସଦସ୍ୟ ଯୋଗଦେଇ ଶ୍ରୀ ସୋରେନ୍‌ଙ୍କୁ ସର୍ବସମ୍ମତିକ୍ରମେ ବିଧାୟକ ଦଳର ନେତାଭାବେ ମନୋନୀତ କରିଛନ୍ତି । ଏହାପରେ ଶ୍ରୀ ସୋରେନ୍ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର୍‌ଙ୍କ ନିକଟରେ ନୂତନ ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଥିଲେ । ଜେ.ଏମ୍.ଏମ୍., କଂଗ୍ରେସ, ଆର୍.ଜେ.ଡି. ଏବଂ ସି.ପି.ଆଇ.ର ୫୬ ଜଣ ଦଳୀୟ ବିଧାୟକଙ୍କ ସମର୍ଥନ ପତ୍ର ଦାଖଲ କରିଥିଲେ । ରାଜ୍ୟପାଳ ଶ୍ରୀ ଗଙ୍ଗୱାର୍ ତାଙ୍କୁ ନୂତନ ସରକାର ଗଠନପାଇଁ ଆମନ୍ତ୍ରଣ କରିଛନ୍ତି । ସୂଚନାଯୋଗ୍ୟ, ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ଇଣ୍ଡି ମେଣ୍ଟ

୫୬ଟି ଆସନ ହାସଲ କରିଥିବାବେଳେ ବି.ଜେ.ପି. ନେତୃତ୍ୱାଧୀନ ଏନ୍.ଡି.ଏ. ୨୪ଟି ଏବଂ ଝାଡ଼ଖଣ୍ଡ ଲୋକତାନ୍ତ୍ରିକ କ୍ରାନ୍ତିକାରୀ ମୋର୍ଚ୍ଚା ଗୋଟିଏ ଆସନ ଅକ୍ତିଆର କରିଛନ୍ତି ।

## ପି.ଏମ୍. - ବିଶ୍ୱ ସମବାୟ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଇ.ସି.ଏ. ବିଶ୍ୱ ସମବାୟ ସମ୍ମଳନୀକୁ ଉଦ୍‌ଘାଟନ କରିବେ । ଆନ୍ତର୍ଜାତିକ ସମବାୟ ମେଣ୍ଟର ଦୀର୍ଘ ୧୩୦ ବର୍ଷର ଇତିହାସରେ ପ୍ରଥମ ଥରପାଇଁ ଭାରତରେ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏକ ସ୍ମାରକୀ ଟିକଟ ଉନ୍ମୋଚନ କରିବେ । ୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି "ସମସ୍ତଙ୍କ ସମୃଦ୍ଧିରେ ସମବାୟ" । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ ହଜାର ବିଦେଶୀ ଓ ଭାରତୀୟ ପ୍ରତିନିଧି ଯୋଗଦେବେ । ସମଗ୍ର ବିଶ୍ୱର ସମବାୟ ସମିତିଗୁଡ଼ିକ ମଧ୍ୟରେ ଏହି ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ନେଇ ମତ ବିନିମୟ ହେବ । ସମସ୍ତଙ୍କ ପାଇଁ ଏମ ସାମୂହିକ, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ଭବିଷ୍ୟତ ଗଠନରେ ସମବାୟର ଭୂମିକା ନେଇ ଆଲୋଚନ ହେବ । ଭୂଟାନ ପ୍ରଧାନମନ୍ତ୍ରୀ ଦାସୋ

ସେରିଙ୍ଗ୍ ତୋବଗେ ଏବଂ ଫିଜିର ଉପପ୍ରଧାନମନ୍ତ୍ରୀ ମନୋଆ କାମିକାମିକା ଏହି ସମ୍ମିଳନୀରେ ଯୋଗଦେବେ । ସୂଚନାଯୋଗ୍ୟ, ୧୮୯୫ ମସିହାରେ ଅନ୍ତର୍ଜାତୀୟ ସମବାୟ ମେଣ୍ଟ ସ୍ଥାପନ କରାଯାଇଥିଲା । ଏଥିରେ ସମଗ୍ର ବିଶ୍ୱରୁ ପ୍ରାୟ ୧୦୦ କୋଟିରୁ ଅଧିକ ସମବାୟ ସମିତି ସଦସ୍ୟ ଅଛନ୍ତି ।

## ଏଲ୍.ଏସ୍. - ସ୍ପିକର୍

ସଂସଦରେ ସକାରାତ୍ମକ ଏବଂ ଗଠନମୂଳକ ବିତର୍କରେ ଯୋଗଦାନ କରିବାକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସଂସଦର ସଦସ୍ୟମାନଙ୍କୁ ଅନୁରୋଧ କରିଛନ୍ତି । ଆକାଶବାଣୀ ସମ୍ବାଦ ବିଭାଗକୁ ଏକ ସ୍ୱତନ୍ତ୍ର ସାକ୍ଷାତ୍କାରରେ ଶ୍ରୀ ବିର୍ଲା ସଂସଦର ସର୍ବୋଚ୍ଚ ମାନର ଶୃଙ୍ଖଳା ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଇଛନ୍ତି ।  ସମ୍ବିଧାନସଭାର ବିତର୍କ ଏବଂ ଆଲୋଚନାରୁ ପ୍ରେରଣା ନେଇ ଗୃହରେ ଶୃଙ୍ଖଳା ବଜାୟ ରଖିବାକୁ ସେ ସମସ୍ତ ସଦସ୍ୟଙ୍କୁ ପରାମର୍ଶ ଦେଇଛନ୍ତି । ସମାଜର ଅବହେଳିତ ଏବଂ ଗରିବ ବର୍ଗଙ୍କ ପାଇଁ ସଂରକ୍ଷଣର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ଗୁରୁତ୍ୱ ପ୍ରଦାନ କରିଥା'ନ୍ତି । ସମ୍ବିଧାନ ଉପରେ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ବିଶ୍ୱାସ ରହିଛି ବୋଲି ଶ୍ରୀ ବିର୍ଲା କହିଛନ୍ତି । ସୂଚନାଯୋଗ୍ୟ, ଶ୍ରୀ ବିର୍ଲାଙ୍କ ସହ ଏହି ସାକ୍ଷାତ୍କାର ଆସନ୍ତାକାଲି ସନ୍ଧ୍ୟା ୭ଟା ୧୦ ମିନିଟ୍‌ରେ ୧୦୦ ଦଶମିକ

୧ ଏଫ୍.ଏମ୍. ଗୋଲ୍ଡ ଚ୍ୟାନେଲ୍‌ରେ ଆକାଶବାଣୀ ସମ୍ବାଦର 'ସୁର୍ଖିଓଁ ମେଁ' କାର୍ଯ୍ୟକ୍ରମରେ ପ୍ରସାରଣ କରାଯିବ ।

## ଜୟଶଙ୍କର - ଇଟାଲୀ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ତିନି ଦିନିଆ ଇଟାଲୀ ଗସ୍ତରେ ଯାଇ ଆଜି ରୋମ୍‌ରେ ପହଞ୍ଚିଛନ୍ତି । ଜି-୭ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକର ଆଉଟ୍ ରିଚ୍ ଅଧିବେଶନରେ ଯୋଗଦେବା ପାଇଁ ସେ ଇଟାଲୀର ଫିଉଗିକୁ ଗସ୍ତ କରିବେ । ଏହି ଅଧିବେଶନରେ ଯୋଗ ଦେବାପାଇଁ ଭାରତକୁ ଅତିଥି ରାଷ୍ଟ୍ର ଭାବେ ନିମନ୍ତ୍ରଣ କରାଯାଇଛି। ଏହି ଗସ୍ତ ସମୟରେ ସେ ଇଟାଲୀ ଏବଂ ଅନ୍ୟ ସଦସ୍ୟ  ରାଷ୍ଟ୍ରଗୁଡ଼ିକର ପ୍ରତିପକ୍ଷଙ୍କୁ ସାକ୍ଷାତ କରି ଜି-୭ ସମ୍ପର୍କିତ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ରୋମରେ ହେବାକୁ ଥିବା ମେଡିଟେରିଆନ୍ ଡାଏଲଗର ଦଶମ ସଂସ୍କରଣରେ ମଧ୍ୟ ଯୋଗ ଦେବେ। ଡକ୍ଟର ଜୟଶଙ୍କର ରୋମରେ ଥିବା ଭାରତୀୟ ଦୂତାବାସର ନୂତନ କୋଠାକୁ ଉଦଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ।

## ୟୁ.ପି. - ସମ୍ଭାଲ ଭାଓଲେନ୍ସ

ଉତ୍ତର ପ୍ରଦେଶର ସମ୍ଭାଲ ଜିଲ୍ଲା ଜାମା ମସ୍‌ଜିଦ୍ ସର୍ଭେ ହିଂସାକାଣ୍ଡରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ସମ୍ଭାଲ ଜିଲ୍ଲା ଅନ୍ତର୍ଗତ ମୋରାଦାବାଦ ଡିଭିଜନ୍‌ର କମିଶନର୍ ଅଞ୍ଜନେୟ କୁମାର ସିଂହ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ତେବେ କାର୍ଯ୍ୟ ଶେଷ କରି ସର୍ଭେ ଟିମ୍ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ହିଂସାକାଣ୍ଡ ଘଟିଥିଲା । ୩ଟି ଭିନ୍ନ ଭିନ୍ନ ଗୋଷ୍ଠୀର ଲୋକ ସର୍ଭେ ଟିମ୍ ଏବଂ ପୁଲିସ୍ କର୍ମଚାରୀଙ୍କ ଉପରକୁ ପଥରମାଡ଼ କରିବା ସହ ଯାନବାହନରେ ନିଆଁ ଲଗାଇବା ଆରମ୍ଭ କରିଥିଲେ । ଏହି ଘଟଣାରେ ସମ୍ପୃକ୍ତ କିଛି ମହିଳାଙ୍କ ସମେତ ଅନ୍ୟ କେତେ ଜଣଙ୍କୁ ଅଟକ ରଖାଯାଇଛି ବୋଲି ପୁଲିସ୍ କହିଛି । ପରିସ୍ଥିତି ନିୟନ୍ତ୍ରଣାଧୀନ ଥିଲେ ମଧ୍ୟ ପଡ଼ୋଶୀ ଜିଲ୍ଲାରୁ ପୁଲିସ୍ ଫୋର୍ସ ମଗାଯାଇଛି ବୋଲି ଶ୍ରୀ ସିଂହ ସୂଚନା ଦେଇଛନ୍ତି ।

## ବର୍ଡ଼ର ଗାଭାସ୍କର ଟ୍ରଫି

ପର୍ଥ ଟେଷ୍ଟକୁ ଜିତିବାପାଇଁ ଭାରତ ଅଷ୍ଟ୍ରେଲିଆ ସମ୍ମୁଖରେ ୫୩୪ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଛି । ଆଜି ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ

ତା'ର ଦ୍ୱିତୀୟ ଇଂନିସ୍‌ରେ ୩ ୱିକେଟ୍ ବିନିମୟରେ ୧୨ ରନ୍ ସଂଗ୍ରହ କରିଛି । ଯଶପ୍ରୀତ ବୁମ୍‌ରାହ ୨ଟି ଏବଂ ମହମ୍ମଦ ଶିରାଜ ଗୋଟିଏ ୱିକେଟ୍ ଅକ୍ତିଆର କରିଛନ୍ତି । ଆଜିର ତୃତୀୟ ଦିନର ଖେଳ ଭାରତ ତା'ର ଗତକାଲିର ଅମୀମାଂଶିତ ଦ୍ୱିତୀୟ ଇନିଙ୍ଗ୍‌ସ କୌଣସି ୱିକେଟ୍ ନ ହରାଇ ୧୭୨ ରନ୍‌ରୁ ଆରମ୍ଭ କରିଥିଲା । ଯଶସ୍ୱୀ ଯୟଶ୍ୱାଲ୍ ଏବଂ ବିରାଟ କୋହଲିଙ୍କ ଚିତ୍ତାକର୍ଷକ ଇନିଙ୍ଗ୍‌ସ ବଳରେ ଭାରତ ୬ ୱିକେଟ୍‌ରେ ୪୮୭ ରନ୍ ସଂଗ୍ରହ କରି ପାଳି ସମାପ୍ତି ଘୋଷଣା କରିଥିଲା । ଯଶସ୍ୱୀ ଜୟଶ୍ୱାଲ୍ ୧୬୧ ଏବଂ ବିରାଟ କୋହଲି ୧୦୦ ରନ୍ ସଂଗ୍ରହ କରିଥିଲେ । ବିରାଟ କୋହଲି ତାଙ୍କ ଟେଷ୍ଟ ଜୀବନର ୩୦ତମ ଶତକ ହାସଲ କରିଛନ୍ତି । ଏହି ମ୍ୟାଚ୍‌ଟିକୁ ଜିତିବାପାଇଁ ଆଉ ଦୁଇଦିନ ଖେଳ ବାକିଥାଇ ଅଷ୍ଟ୍ରେଲିଆପାଇଁ ୫୨୨ ରନ୍ ବାକିଥିବାବେଳେ ଭାରତ ୭ଟି ୱିକେଟ୍ ଆବଶ୍ୟକ କରୁଛି ।

*****